# Akashvani, Sambalpur

## SAMBALPURI NEWS EVENING BULLETIN

## 23 july 2026-7.02- 7.12 pm.

---

୧- ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ବିରୋଧୀମାନ୍‌କର୍ ହୋହଲ୍ଲା ଲାଗି ସଂସଦ୍‌ର ଗୃହକାର୍ଯ୍ୟ ବାଧାପ୍ରାପ୍ତ ।

୨- ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ୍ ମାମ୍‌ଲାର୍ ତୁର୍‌ତି ବିଚାର୍ ଲାଗି ଫାଷ୍ଟଟ୍ରାକ୍ ଅଦାଲତ୍ ଥାପ୍‌ନା କର୍‌ବେ କେନ୍ଦ୍ର ସର୍‌କାର୍ ।

- ଛାତ୍ରଛାତ୍ରୀମାନ୍‌କର୍ ଭବିଷ୍ୟତ୍‌କେ ସୁରକ୍ଷିତ୍ ରଖିବାର୍‌ଟା ସର୍‌କାର୍‌ଙ୍କର୍ ସବୁନୁ ପହେଲା ପ୍ରାଥମିକତା- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଦେଶର୍ ଶିକ୍ଷା, ସଂସ୍କୃତି ଆଉ ବିକାଶ୍‌ଥି ପ୍ରସାରଣ୍ କ୍ଷେତ୍ରର୍ ଗୁରୁତ୍ୱକେ ସୁର୍‌ତା କରିକରି ଆଏଜ୍ ପାଳନ୍ କରାଯାଉଛେ ଜାତୀୟ ପ୍ରସାରଣ୍ ଦିବସ୍ ।

ଆଉର୍

୪- ଜନ୍ମବେଦୀ ନ ଶ୍ରଦ୍ଧାଳୁମାନ୍‌କୁ ଦର୍ଶନ୍ ଦେଲେ ମହାପ୍ରଭୁ ।

ଆଏବାକାଏଲ୍ ହେବାର୍‌କେ ଥିବା ବାହୁଡ଼ା ଯାତ୍ରା ଲାଗି ଶେଷ୍ ହେଲା ପ୍ରସ୍ତୁତି ।

ସଂସଦ୍ ଆର୍‌ଏନ୍‌ୟୁ/ କଟକ୍

ସଂସଦ୍ ନ ବିରୋଧୀ ଦଲ୍ ମାନ୍‌କର୍ ତର୍‌ଫୁ ଭିନ୍ ଭିନ୍ ପ୍ରସଙ୍ଗଥି ପ୍ରତିବାଦ୍ ଜାରି ରହେବାର୍‌ନୁ ଦୁହି ଗୃହ କାର୍ଯ୍ୟ ଆଏଜ୍ ଭିଲ୍ ବାଧାପ୍ରାପ୍ତ ହେଇଛେ । ଲୋକ୍‌ସଭା ଗୃହ କାର୍ଯ୍ୟକେ ଆଏବା କାଏଲ୍‌ତକ୍ ମୁଲ୍‌ତବୀ ରଖାଯାଇଛେ । ଆଏଜ୍ ସଖାଲର୍ ୧୧ ବଜେ ଗୃହ କାର୍ଯ୍ୟ ମୁଲ୍ ହେବାର୍ ଉତ୍‌ରୁ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ମୁଲ୍ କର୍‌ବାର୍ ଲାଗି ଚେଷ୍ଟା କରିଥିଲେ । ହେଲେ ବିରୋଧୀ ସଦସ୍ୟମାନ୍‌କର୍ ହୋହଲ୍ଲା ଜାରି ରହେବାର୍‌ନୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । ରାଜ୍ୟସଭା ନ ଭିଲ୍ ସମାନ୍ ପରିସ୍ଥିତି ଦେଖିବାର୍‌କେ ମିଲିଥିଲା । ସଖାଲର୍ ୧୧ ବଜେ ଗୃହକାର୍ଯ୍ୟ ମୁଲ୍ ହେବାର୍ ଉତ୍‌ରୁ ଦେଶର୍ ଭିନ୍ ଭିନ୍ ଜାଗା ନ ହେଇଥିବା ଜବର୍ ବର୍ଷା, ଭୁସ୍ଖଲନ୍, ବଏଢ୍, ଚଢ଼କ୍ ମରା ବାଗିର୍ ବିପର୍ଯ୍ୟୟଥି ବହୁତ୍‌ଟେ ଜୀବନ୍‌ହାନୀ ହେଇଥିବାର୍‌ନୁ

ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ଗୃହ ତର୍ଫୁ ଶୋକ ପ୍ରକାଶ୍ କରିଥିଲେ । ବିରୋଧୀ ମାନ୍‌କର୍ ହୋହଲ୍ଲା ଜାରି ରହେବାର୍‌ନୁ ରାଜ୍ୟସଭା ଗୃହକାର୍ଯ୍ୟକେ ଭିଲ୍ ଆଏବା କାଏଲ୍‌ତକ୍ ମୁଲ୍‌ତବୀ ଘୋଷଣା କରାଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ- ୟୁଥ୍ ଏକ୍ସ

ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ୍ ମାମ୍‌ଲାଥି ସମ୍ପୃକ୍ତ ଦୋଷୀଙ୍କର୍ ବିରୋଧ୍‌ଥି ସର୍‌କାର୍ କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍ ସହେତେ ତାର୍ ତୁର୍‌ତି ବିଚାର୍ ଲାଗି ଫାଷ୍ଟଟ୍ରାକ୍ ଅଦାଲତ୍ ଥାପ୍‌ନା କର୍‌ବେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଇଟା ଘୋଷ୍‌ନା କରିଛନ୍ । ଦେଶର୍ ଛାତ୍ରଛାତ୍ରୀମାନ୍‌କର୍ ଭବିଷ୍ୟତ୍‌କେ ସୁରକ୍ଷିତ୍ ରଖିବାର୍ ସର୍‌କାର୍‌ଙ୍କର୍ ସବୁନୁ ପହେଲା ପ୍ରାଥମିକତା ଆଏ ବଲି ଶ୍ରୀ ମୋଦୀ କହିଛନ୍ । ପ୍ରଶ୍ନପତ୍ର ପ୍ରଘଟ୍ ଘଟ୍‌ନାଥି ଜରୁରୀ କାର୍ଯ୍ୟାନୁଷ୍ଠାନ୍ ନେବାର୍ ଲାଗି ସମ୍ପୃକ୍ତ କର୍ତୃପକ୍ଷ ଆଉ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଛାତ୍ରଛାତ୍ରୀମାନ୍‌କର୍ ସ୍ୱାର୍ଥକେ ନଜର୍‌ଥି

ରଖିକରି ସର୍କାର୍ ଇ ଦିଗେ ବହୁତ୍ ପଦକ୍ଷେପ୍ ନେଇଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ନୀତି ଆୟୋଗ-ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ୍     ଭୁବନେଶ୍ୱର ସମ୍ବାଦଦାତା

ନୀତି ଆୟୋଗ ତର୍‌ଫୁ ପ୍ରକାଶିତ୍ ଇନ୍‌ଭେଷ୍ଟମେଂଟ୍ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ -୨୦୨୬ ଥି ଓଡ଼ିଶା ଦେଶର୍ ପହେଲା ୫ ଟା ରାଜ୍ୟ ଭିତ୍‌ରେ ଠାନ୍ ପାଇଛେ । ୫୨ ଦଶ୍‌ମିକ୍ ୪ ପଏଂଟ୍ ସହେତେ ଓଡ଼ିଶା ୫ ନମ୍ବର୍ ଠାନେ ରହିଛେ । ପହେଲା ୫ ଟା ଠାନେ ଥିବା ରାଜ୍ୟ ମାନ୍‌କର୍ ଭିତ୍‌ରୁ ପୂର୍ବ ଆଉ ଉତର୍ ଭାରତ୍‌ନୁ ଖାଲି ଓଡ଼ିଶା ହିଁ ଇ ଜାଗା ନ ରହିଛେ । ରାଜ୍ୟର୍ ଇ ସଫଲତା ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ରାଜ୍ୟର୍ ଶିଳ୍ପପତି ଆଉ ଶିଳ୍ପ ସଂଘ ତର୍‌ଫୁ ସମ୍ବର୍ଦ୍ଧିତ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍, ଇ ମାନ୍ୟତା ଟିମ୍ ଓଡ଼ିଶାର୍ ମନୋବଲକେ ବଢ଼େଇଛେ । ଖାଲି ଶିଳ୍ପ ନୁହେଁ ଅର୍ଥନୈତିକ୍ ଅଭିବୃଦ୍ଧିଥି ଭିଲ୍ ଓଡ଼ିଶାକେ ପହେଲା ୫ ଟା ଜାଗାକେ

ନେବାର୍ ଲକ୍ଷ୍ୟ ରଖାଯାଇଛେ । ଗଲା ୨ ବଛ୍‌ରେ ରାଏଜେ ୩ ଲାଖ୍ କୋଟିନୁ ଅଏତ୍‌କା ଟଙ୍କାର୍ ପୁଞ୍ଜିନିବେଶ୍ ହେଇସାରିଛେ । ୪ ଶହ ୫୩ ଟା ଶିଳ୍ପ ପ୍ରକଳ୍ପ ମଞ୍ଜୁର୍ ହେଇକରି ୯ ଲାଖ୍ ୫୦ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ଆସ୍‌ବାର୍ ଆଶା କରାଯାଉଛେ ବଲି ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ମହଙ୍ଗା ଭତା ବୃଦ୍ଧି        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍ ସର୍‌କାରୀ କର୍ମଚାରୀମାନ୍‌କର୍ ଲାଗି ମହଙ୍ଗାଭତାକେ ୫ ପ୍ରତିଶତ୍ ବଢ଼େଇଛନ୍ । ଇଥିର୍‌ଲାଗି ସର୍‌କାରୀ କର୍ମଚାରୀମାନ୍‌କର୍ ମହଙ୍ଗାଭତା ୨ ଶହ ୫୭ ପ୍ରତିଶତ୍‌ନୁ ୨ ଶହ ୬୨ ପ୍ରତିଶତ୍‌କେ ବଢ଼ିଛେ । ଇଟା ପିଛ୍‌ଲା ଭାବେ ଜାନୁଆରୀ ମାସ୍‌ନୁ ଲାଗୁ ହେବା । ବଢ଼ିଥିବା ମହଙ୍ଗାଭତା ଜୁଲାଇ ମାସର୍ ଦର୍‌ମା ସାଙ୍ଗେ ମିଲ୍‌ବା ବଲି ଜନାପଡ଼ିଛେ । ଯେନ୍‌ଥିର୍ ଲାଗି ସବୁ ସର୍‌କାରୀ କର୍ମଚାରୀ ଆଉ ପେନ୍‌ସନ୍‌ଧାରୀମାନେ ଉପକୃତ ହେବେ ।

ସହରାଂଚଳ ବିକାଶ୍      ଆଇ.ଆଣ୍ଡ.ପି.ଆର୍

ରାଏଜେ ସହରାଂଚଳ ବିକାଶ୍ ପ୍ରକ୍ରିୟାକେ ତୁର୍ତି ସରଲ୍ ଆଉ ପୌରାଂଚଲ୍ ମାନ୍‌କେ ଶାସନ୍ ବ୍ୟବସ୍ଥାଥି ସୁଧାର୍ ଆନ୍‌ବାର୍ ଲକ୍ଷ୍ୟ ନେଇକରି ରାଜ୍ୟ ସର୍‌କାର୍ ପୌର ସଂସ୍ଥା ଆଉ ସ୍ମାର୍ଟ ସିଟି ଲିମିଟେଡ଼୍ ମାନ୍‌କର୍ ଆର୍ଥିକ୍ କ୍ଷମତା ପରିସର୍‌କେ ସଂଶୋଧିତ୍ କରିଛନ୍ । ଇ ବାବ୍‌ଦେ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ସଂଶୋଧିତ୍ କ୍ଷମତା ଅନ୍‌ସାରେ ଭୁବନେଶ୍ୱର୍ ସ୍ମାର୍ଟ ସିଟି ଲିମିଟେଡ଼୍ ଆଉ ରାଉର୍‌କେଲା ସ୍ମାର୍ଟ ସିଟି ଲିମିଟେଡ୍‌ର ଏମ୍.ଡିଙ୍କର୍ ଆର୍ଥିକ୍ କ୍ଷମତାକେ ମହାନଗର୍ ନିଗମ୍‌ର କମିଶନର୍‌ଙ୍କର୍ ସାଙ୍ଗେ ସମାନ୍ କରାଯାଇଛେ । ଇଥିର୍‌ଲାଗି ରାଜ୍ୟର୍ ସହରାଂଚଲ୍ ମାନ୍‌କେ ନାଗରିକ୍ ଭିତିଭୂମି ଆଉ ଜନକଲ୍ୟାଣ୍‌କାରୀ ଯୋଜ୍‌ନାମାନ୍‌କର୍ ସମିଆ ଭିତ୍‌ରେ କାର୍ଯ୍ୟକାରିତା ସୁନିଶ୍ଚିତ୍ ହେଇପାର୍‌ବା ।

ଜାତୀୟ ପ୍ରସାରଣ୍ ଦିବସ୍      ଏନ୍‌ଏସ୍‌ଡି/ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ବିକାଶ୍, ଶିକ୍ଷାଗତ ପ୍ରସାରଣ୍ ଆଉ ସାଂସ୍କୃତିକ୍ ସଂରକ୍ଷଣ୍ ଦିଗେ ପ୍ରସାରଣ୍ କ୍ଷେତ୍ରର୍ ଗୁରୁତ୍ୱପୂର୍ଣ୍ଣ ଭୂମିକାକେ ସୁର୍‌ତା କରିକରି ସାରା ଦେଶେ ଆଏଜ୍ ପାଲନ୍ ହେଉଛେ ଜାତୀୟ ପ୍ରସାରଣ୍ ଦିବସ୍ । ୧୯୨୭ ମସିହା ଆଝିରର୍ ଦିନେ ଭାରତୀୟ ପ୍ରସାରଣ୍ କମ୍ପାନୀ ଅଧୀନ୍‌ଥି ବମ୍ବେ ଷ୍ଟେସନ୍‌ନୁ ଦେଶର୍ ପହେଲା ରେଡ଼ିଓ ପ୍ରସାରଣ୍ ମୁଲ୍ ହେଇଥିଲା । ୧୯୩୬ ମସିହା ଜୁନ୍ ୮ ତାରିଖ୍ ଭାରତୀୟ ପ୍ରସାରଣ୍ ସେବାର୍ ନାଁ ଅଲ୍‌ଇଣ୍ଡିଆ ରେଡ଼ିଓ ରଖାଯାଇଥିଲା । ପଛେ ଇତାର୍ ନାଁ  ଆକାଶ୍‌ବାଣୀ ରଖାଯାଇଥିଲା । ଗଲା ୯୦ ବଛର୍ ହେଲା ଭିନ୍ ଭିନ୍ ବର୍ଗର୍ ଶ୍ରୋତାମାନ୍‌କର୍ ପାଖେ ଶିକ୍ଷା, ସ୍ୱାସ୍ଥ୍ୟ ଆଉ ମନୋରଞ୍ଜନ୍ ବାଗିର୍ ଭିନ୍ ଭିନ୍ କ୍ଷେତ୍ରର୍ ସୂଚ୍‌ନା ପୁହୁଁଚେଇକରି ଆକାଶ୍‌ବାଣୀ ନିଜର୍ ଗୁଟେ ଭିନେ ଛାପ୍ ଛାଡ଼ିପାରିଛେ ।

ମନ୍ କି ବାତ୍        ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା କାଏଲ୍‌ତକ୍ ଲୁକେ ନିଜର୍ ମତାମତ୍ ଦେଇପାର୍‌ବେ ।

ସନ୍ଧ୍ୟା ଦର୍ଶନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗୁଣ୍ଡିଚା ମନ୍ଦିର୍ ଆଡ଼ପ ମଣ୍ଡପ୍ ନ ଆଏଜ୍ ମାହାପୁରୁମାନେ ନବମୀ ସନ୍ଧ୍ୟା ଦର୍ଶନ୍ ଅବ୍‌ସରେ ଜନ୍ମବେଦୀ ନ ଦର୍ଶନ୍ ଦେଇଛନ୍ ।

ମହାପ୍ରଭୁଙ୍କର୍ ବାହୁଡ଼ା ଯାତ୍ରା ଲାଗି ସବୁ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ଆଏବା କାଏଲ୍ ବାହୁଡ଼ା ଯାତ୍ରା ଥିବାର୍‌ନୁ ଆଏଜ୍ ସନ୍ଧ୍ୟା ଦର୍ଶନ୍ ୬ ବଜେତକ୍ ଚାଲିଥିଲା । ତାର୍ ଉତ୍‌ରୁ ଶ୍ରୀଗୁଣ୍ଡିଚା ମନ୍ଦିର୍ ଶୋଧ କରାଯାଇଥିଲା । ଦର୍ଶନ୍ ବନ୍ଦ୍ ଉତ୍‌ରୁ ସନ୍ଧ୍ୟାଧୂପ, ଆଳତୀ ନୀତି କରାଯାଇଛେ । ତାର୍‌ପରେ ବଡ଼ସିଂହାର ଭୋଗ ହେଇକରି ପହୁଡ଼ ଆଲ୍‌ତୀ ନୀତି କରାଯିବା । ବାହୁଡ଼ା ଯାତ୍ରାର୍ ଠିକ୍ ଭାବେ ପରିଚାଳନା ଲାଗି ୨ ଶହ ୫ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ । ଟ୍ରାଫିକ୍ କଟ୍‌କନା ଆଏଜ୍ ବେଲ୍‌ବୁଡୁ ଲାଗୁ କରାଯିବାର୍‌କେ ଥିବାର୍ ବେଲେ ଭିଡ଼୍ ନିୟନ୍ତ୍ରଣ୍ ଆଉ ସୁରକ୍ଷାକେ ନେଇକରି ବ୍ୟାପକ୍ ବ୍ୟବସ୍ଥା କରାଯାଇଛେ ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ ।

(ଭଏସ୍ ଓଭର୍- ଅରବିନ୍ଦ ପାଢ଼ୀ)

ପରମ୍ପରା ଅନ୍‌ସାରେ ଆଏବା କାଏଲ୍ ମାଉସୀ ମା ହାତୁ ପୋଡ଼ପିଠା ଖାଇକରି ମାହାପୁରୁମାନେ ବାହୁଡ଼ା ଯାତ୍ରାଥି ବାହାର୍‌ବେ । ବାହୁଡ଼ାଯାତ୍ରା ଅବ୍‌ସରେ ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ପହପହ ୪ ବଜୁ ମଙ୍ଗଲ୍ ଆଲ୍‌ତୀ, ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ବାଗିର୍

ଭିନ୍ ଭିନ୍ ନୀତିକାନ୍ତି କରାଯିବା । ମଏଧାନର୍ ୧୨ ବଜେନୁ ବାହୁଡ଼ା ପହଣ୍ଡି ହେଇକରି ଦୁଇପହରର୍ ଅଢ଼େଇ ବଜେ ଆଡ଼େ ଗଜପତି ମହାରାଜ୍ଙ୍କର୍ ଛେରାପହଁରା ନୀତି କରାଯିବା । ତାର୍ ଉତ୍ରୁ ୩ ନୁ ୪ ବଜେ ଭିତ୍ରେ ଘୋଡ଼ା ଲଗାଯାଇକରି ରଥ୍ଘିଚା ମୁଲ୍ ହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ନୀତି ନିର୍ଘଂଟ ପ୍ରସ୍ତୁତ୍ କରାଯାଇଛେ ।

ଶ୍ରୀଜଗନ୍ନାଥ୍- ଟ୍ରେଡ୍ମାର୍କ      ପୁରୀ ସମ୍ବାଦାଦାତା

ଶ୍ରୀ ଜଗନ୍ନାଥ୍ ମନ୍ଦିର ପ୍ରଶାସନ୍ ମହାପ୍ରଭୁଙ୍କର୍ ପବିତ୍ର ପରମ୍ପରା ଆଉ ଐତିହ୍ୟର୍ ସୁରକ୍ଷା ଦିଗେ ଆଉ ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ନେଇଛେ । ଟ୍ରେଡ୍ମାର୍କ ପଞ୍ଜିକରଣ୍ ବିଭାଗ୍ ତର୍ଫୁ ଶ୍ରୀଜଗନ୍ନାଥଙ୍କର୍ ସାଙ୍ଗେ ଜଡ଼ିତ୍ ଆଉ ୫ ଟା ନାଁ ଲାଗି ଟ୍ରେଡ୍ମାର୍କ ଅନୁମୋଦନ୍ ମିଲିଛେ । ଇ ନାଁମାନେ ହେଲା ଜଗନ୍ନାଥ୍ ଧାମ୍, ଶ୍ରୀକ୍ଷେତ୍ର, ମହାପ୍ରସାଦ୍, ନୀଳଚକ୍ର ଆଉ କୋଇଲି ବୈକୁଣ୍ଠ । ମହାପ୍ରଭୁଙ୍କର୍ ସାଙ୍ଗେ ଜଡ଼ିତ୍ ନାଁ ଆଉ ପରମ୍ପରାକେ ସୁରକ୍ଷିତ୍ ରଖିବାର୍ ସହେତେ ସେସବୁର୍

ଅନଧିକୃତ ବେଭାର୍ ଆଉ ବାଣିଜ୍ୟିକ ଅପବ୍ୟବହାର୍‌କେ ରୁକ୍‌ବାର୍ ଦିଗେ ଇଟା ସାହାଜ୍ କର୍‌ବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ଉପମୁଖ୍ୟମନ୍ତ୍ରୀ -କଲାହାଣ୍ଡି            କଲାହାଣ୍ଡି ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୨ ଦିନିଆ କଲାହାଣ୍ଡି ଜିଲ୍ଲା ଗସ୍ତଥି ଆସିକରି ୨ ନମ୍ବର୍ ଦିନେ ଆଏଜ୍ ଭବାନୀପାଟ୍‌ନାର୍ ଶହୀଦ୍ ରେଣ୍ଡୋ ମାଝୀ ମେଡ଼ିକାଲ୍ କଲେଜ୍ ଆଉ ଡାକ୍ତର୍‌ଖାନା ସମ୍ମିଲନୀ କକ୍ଷ ନ ଅଙ୍ଗନବାଡ଼ି କର୍ମୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା କହିଛନ୍, ଅଙ୍ଗନବାଡ଼ି କର୍ମୀମାନେ ହେଉଛନ୍, ସର୍‌କାରୀ ଯୋଜ୍‌ନାର୍ ଲାଷ୍ଟ୍ ମାଇଲ୍ ଡେଲିଭରି ସିଷ୍ଟମ୍ । ଫି ଅଙ୍ଗନବାଡ଼ି କେନ୍ଦ୍ରକେ ନିଜର୍ ଘର୍, ବିଜ୍‌ଲି, ପିଇବାର୍ ପାଏନ୍ ଆଉ ସୂର୍ଯ୍ୟଘର୍ ଯୋଜ୍‌ନା ସୁବିଧା ଦେବାର୍‌କେ ପ୍ରାଥମିକତା ଦିଆଯିବା । ଲାଞ୍ଜିଗଡ଼୍ ରାମ୍‌ପୁର୍ ଇଲାକା ନ ମିଶନ୍ ଶକ୍ତି ଜରିଏ ମହିଲାମାନ୍‌କର୍ ଲାଗି ହୋମ୍‌ଷ୍ଟେ ଟୁରିଜମ୍ ଜରିଏ

ଆର୍ଥିକ୍ ସଶକ୍ତିକରଣ୍ କରାଯିବା ବଲି ଶ୍ରୀମତୀ ପରିଡ଼ା କହିଛନ୍ । ଆଜିରର୍ କାର୍ଯ୍ୟକ୍ରମ୍ଥି ଜିଲ୍ଲାର୍ ୧୩ ଟା ବ୍ଲକ୍ ନୁ ୬ ଶହ ନୁ ଅଏତ୍କା ଅଙ୍ଗନବାଡ଼ି କର୍ମୀ ସାମିଲ୍ ହେଇଥିଲେ ।

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆର୍ଏନ୍ୟୁ/ କଟକ୍

ସ୍କଟ୍ଲାଣ୍ଡର ଗ୍ଲାସ୍ଗୋ ଠାନେ ଆଏଜ୍ଠାନୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ମୁଲ୍ ହେଉଛେ । ଇ ୧୦ ଦିନିଆ ପ୍ରତିଯୋଗିତାଥି ୭୪ ଟା ଦେଶର୍ ୩ ହଜାର୍ନୁ ଅଏତ୍କା ପ୍ରତିଯୋଗୀ ଭାଗ୍ ନେଇଛନ୍ । ସେଥିର୍ଭିତ୍ରୁ ଭାରତ୍ ନୁ ୨ ଶହ ୨୫ ଝନ୍ ପ୍ରତିଯୋଗୀ ରହିଥିବାର୍ ବେଲେ ଓଡ଼ିଶା ନୁ ୪ ଝନ୍ ଖେଲାଲୀ ଭାଗ୍ ନେଇଛନ୍ । ଧାବକ୍ ଅନିମେଷ୍ କୁଜୁର୍, ଜିମ୍ନାଷ୍ଟ ତପନ୍ ମହାନ୍ତି, ତପେଶ୍ୱର୍ ନାଥ୍ ଦାସ ଆଉ ପ୍ରଣତୀ ନାୟକ୍ ଭାଗ୍ ନେଇଛନ୍ ।

ପାଣିପାଗ୍ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହେବାର୍ ସହେତେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଦେବ୍‌ଗଡ୍, ବର୍‌ଗଡ୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍  ସହେତେ ୧୭ ଟା ଜିଲ୍ଲାର୍ ଗୁଟେ/ ଜୁଡ଼େ ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଞ୍ଝର୍ ୬ ବଜେତକ୍ ୬ ଶହ ୧୪ ଦଶ୍‌ମିକ୍ ୫/୨ ଫୁଟ୍ ରହିଥିଲା । ଇ ସମିଆଥି ଜଲ୍‌ଭଣ୍ଡାର୍‌ନୁ ୧୬ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୨ ଲାଖ୍ ୭୦ ହଜାର୍ ୩ ଶହ ୧୪ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨ ଲାଖ୍ ୯୦ ହଜାର୍ ୩ ଶହ ୭୬ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।